# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୦୪ (ଓଡ଼ିଆ ବୁଲେଟିନ) ସପ୍ତାହ – ୦୨ ତାରିଖ: ୧୩.୦୧.୨୦୨୬

## ଜିଲ୍ଲା – ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୪-୦୧-୨୦୨୬ | ୧୫-୦୧-୨୦୨୬ | ୧୬-୦୧-୨୦୨୬ | ୧୭-୦୧-୨୦୨୬ | ୧୮-୦୧-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 28 | 28 | 28 | 28 | 29 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 12 | 11 | 11 | 12 | 12 |
| ମେଘ ଆବରଣ(ଓକଟା) | 0 | 0 | 0 | 0 | 2 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 62 | 62 | 60 | 61 | 62 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 23 | 22 | 21 | 17 | 18 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 5 | 5 | 6 | 3 |
| ପବନର ଦିଗ (ଡିଗ୍ରୀ) | 4 | 9 | 32 | 27 | 7 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ସଫା ରୁ ଆଂଶିକ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ମଧମ ରହିବା ସହିତ ୩ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ପ୍ରଚଳିତ ଥଣ୍ଡା ପାଗକୁ ଧ୍ୟାନରେ ରଖି, ଚାଷୀଭାଇମାନଙ୍କୁ ନିଜ ଫସଲରେ ହାଲୁକା, ସୁରକ୍ଷାମୂଳକ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଅଛି, କାରଣ ଓଦା ମାଟି ଶୁଖିଲା ମାଟି ଅପେକ୍ଷା ଭଲ ଭାବରେ ତାପ ଧରି ରଖେ, ଯାହା ଗଛ ଚାରିପାଖର ତାପମାତ୍ରା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।
- ଶୀତଳ ଲହରୀ ପରିସ୍ଥିତିରେ ନାଇଟ୍ରୋଜେନ ସାର ପ୍ରୟୋଗକୁ ସୀମିତ କରନ୍ତୁ ।
- ପଶୁମାନଙ୍କୁ ଥଣ୍ଡା ପାଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ବାୟୁଚଳନ ସୁବିଧା ସହିତ ଗୁହାଳ ଭିତରେ ରଖିବାର ବ୍ୟବସ୍ଥା କରିବାକୁ ତଥା ଖାଦ୍ୟରେ ପୁଷ୍ଟିସାର ଓ ଖଣିଜ ଲବଣର ମାତ୍ରା ବଢାଇବାକୁ ପରାମର୍ଶ ଦିଆଯାଇଅଛି ।
- ଫଳ ଏବଂ ପନିପରିବା ଫସଲକୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ଚାଷୀଭାଇମାନେ ପଲିଥିନ୍ କିମ୍ବା ନଡ଼ା ବା ପୁଆଳକୁ ଆବରଣ ସାମଗ୍ରୀ ଭାବରେ ବ୍ୟବହାର କରିପାରିବେ ଏବଂ ମାଟିକୁ ଓଦା ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଚାଷୀଭାଇମାନଙ୍କୁ କୃଷି କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ସତର୍କତା ଅବଲମ୍ବନ କରିବାକୁ ତଥା ପଶୁମାନଙ୍କୁ ଥଣ୍ଡା ପାଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ବାୟୁଚଳନ ସୁବିଧା ସହିତ ଗୁହାଳ ଭିତରେ ରଖିବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।

### ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ନର୍ସରୀ ପ୍ରସ୍ତୁତି ଓ ବୁଣା | • କାଦୁଅ ତଳିଘରା ପାଇଁ ୧୨୦ ସେ.ମି. ପ୍ରସ୍ଥ, ୧୦ ସେ.ମି. ଉଚ୍ଚତା ଓ ସୁବିଧା ଅନୁଯାୟୀ ଲମ୍ବା ତଳି ପଟାଳିମାନ ପ୍ରସ୍ତୁତ କରନ୍ତୁ । ଦୁଇ ତଳି ପଟାଳି ମଧ୍ୟରେ ୩୦ ସେ.ମି. ବ୍ୟବଧାନର ନାଳି ରଖନ୍ତୁ । ଏକ ଏକର ଜମିରେ ରୁଆ ଧାନ କରିବା |

| | | |
|---|---|---|
| | | ପାଇଁ ୪୦୦ ବର୍ଗମିଟର (୨ ଗୁଣ୍ଠ) ତଳିଚାରା ପ୍ରସ୍ତୁତ କରନ୍ତୁ । ତଳି ତଳି ଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ଧାନ ବିହନ ପାଇଁ ୧.୫ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବଲ୍ୟୁ.ପି. କିମ୍ବା ୧୦ ଗ୍ରାମ ଟ୍ରାଇକୋଡର୍ମା ବିଶୋଧକ ଏକ ଲିଟର ପାଣି ହିସାବରେ ଦ୍ରବଣ ପ୍ରସ୍ତୁତ କରି ବିହନକୁ ବିଶୋଧନ କରନ୍ତୁ ।<br>• ପ୍ରଚଳିତ ଥଣ୍ଡା ପାଗକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଧାନ ନର୍ସରୀରେ ରାତିରେ ନର୍ସରୀ ବେଡ୍ ଗୁଡ଼ିକୁ ପଲିଥିନ୍ ଚାଦରରେ ଘୋଡ଼ାଇ ରଖିବାକୁ ଏବଂ ସକାଳେ ତାକୁ କାଢ଼ିଦେବାକୁ ପରାମର୍ଶ ଦିଆଯାଉଛି । ସନ୍ଧ୍ୟାରେ ନର୍ସରୀ ବେଡ୍ ଗୁଡ଼ିକରେ ଜଳସେଚନ କରନ୍ତୁ ଏବଂ ସକାଳେ ପାଣି ନିଷ୍କାସନ କରଦିଅନ୍ତୁ । |
| ସୋରିଷ | ଫୁଲ ଓ ଫଳ ଅବସ୍ଥା | • ପୂର୍ବ ଦିନର କୁହୁଡ଼ି ଏବଂ ଆଂଶିକ ମେଘୁଆ ପାଗ ସୋରିଷ ଫସଲରେ ଜଉ ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ ଏବଂ ଏହି ପୋକ ଦ୍ୱାରା ଅମଳ ଗୁରୁତର ଭାବରେ ପ୍ରଭାବିତ ହୁଏ । ଏହି ପୋକର ଆକ୍ରମଣ କିଛି ଚାଷୀଙ୍କ କ୍ଷେତରେ ଦେଖାଯାଇସାରିଲାଣି ତେଣୁ ସଫା ପାଗକୁ ଦେଖି ପ୍ରତି ଲିଟର ପାଣିରେ ଏସିଟାମିପ୍ରିଡ୍ ୨୦ % ଏସ୍.ପି. @ ୦.୩ ରୁ ୦.୪ ଗ୍ରାମ (ପୋକ ଆକ୍ରମଣର ଗମ୍ଭୀରତା ଅନୁସାରେ) କିମ୍ବା ଡାଇମେଥୋଏଟ୍ ୩୦ ଇ.ସି. @ ୧.୫ ମିଲି କିମ୍ବା ଥିଆମେଥୋକ୍ସାମ ୨୫ ଡବ୍ଲ୍ୟୁ.ଜି. @ ୦.୩ ଗ୍ରାମ ପ୍ରତି ଲିଟର ପାଣିରେ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| କୋବି ଜାତୀୟ ପନିପରିବା (ବନ୍ଧା କୋବି, ଫୁଲ କୋବି ଇତ୍ୟାଦି) | ଅଂଗିୟ ଅବସ୍ଥା/ ପରିପକ୍ୱ ଅବସ୍ଥା | • ଗଛକୁ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ପଲିଥିନ୍ କିମ୍ବା ପୁଆଳର ଆବରଣ ପ୍ରୟୋଗ କରିପାରିବେ କାରଣ ଏହା ଦ୍ବାରା ମାଟିର ଆର୍ଦ୍ରତା ଏବଂ ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ । ଥଣ୍ଡା ପାଗର ସ୍ଥିତିକୁ ଧ୍ୟାନରେ ରଖି, ଖେତରେ ନିୟମିତ ହାଲୁକା ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• କୋବିରେ ଲାଗୁଥିବା ଠିକିରିଆ (Diamond back moth) ପୋକର ଆକ୍ରମଣ ପ୍ରତି ନିୟମିତ ଭାବେ ଧ୍ୟାନ ଦିଅନ୍ତୁ । ଯଦି ପ୍ରକୋପ ଦେଖାଯାଏ ତେବେ ଏହାର ଦମନ ପାଇଁ ଆରମ୍ଭ ପର୍ଯ୍ୟାୟରେ ୫ ମି.ଲି. ନିମ୍ବ ତେଲକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ତଥାପି ବି ଯଦି ଆକ୍ରମଣ ଜାରି ରୁହେ ତେବେ ଏହି କୀଟକୁ ନିୟନ୍ତ୍ରଣ କରିବା ପାଇଁ ସ୍ପିନୋସାଡ୍ ୪୫% ଏସ୍.ସି. @ ୦.୪ ମିଲି କିମ୍ବା ରାଇନୋକ୍ସିପିର @ ୦.୩ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ବ୍ୟବହାର କରିପାରିବେ । |
| ଲଙ୍କା | ଅଂଗିୟ ଅବସ୍ଥା/ ଫୁଲ ଓ ଫଳ ଅବସ୍ଥା | • ପୂର୍ବ ଦିନଗୁଡିକର ପାଗ ପନିପରିବା ଫସଲରେ ଶୋଷକ କୀଟ ଯେପରିକି ଜଉ ପୋକ, ଉକୁଣିଆ ପୋକ ଇତ୍ୟାଦିର ଆକ୍ରମଣ ପ୍ରତି ଅନୁକୂଳ ଥିଲା । ଯଦି ଶୋଷକ କୀଟ ଆକ୍ରମଣ ଯୋଗୁଁ ପତ୍ର ମୋଚା ରୋଗ ଦେଖାଯାଏ, ତେବେ ଆକ୍ରମଣର ପ୍ରଥମ ପର୍ଯ୍ୟାୟରେ ଏକ ଲିଟର ପାଣିରେ ୫ ମିଲି ନିମ୍ବ ଆଧାରିତ କୀଟନାଶକ ମିଶ୍ରଣ କରି ସିଞ୍ଚନ କରନ୍ତୁ । ଯଦି ତଥାପି ମଧ ପ୍ରକୋପ ଲାଗି ରହେ, ତେବେ ୭ ରୁ ୧୦ ଦିନ ବ୍ୟବଧାନରେ ପ୍ରତି ଲିଟର ପାଣିରେ ସ୍ପିନୋସାଡ୍ ୪୫ % ଏସ୍.ସି. @ ୦.୪ ମିଲି କିମ୍ବା ଫିପ୍ରୋନିଲ୍ ୫ % ଏସ୍.ସି. @ ୨ ମିଲିକୁ ମିଶାଇ ସିଞ୍ଚନ କରନ୍ତୁ । |
| ଗୋରୁ ଗାଈ ଓ ମଇଷି | • ପଶୁମାନଙ୍କୁ ଦୈନିକ ମିଶ୍ରିତ ଖଣିଜ ଲବଣ, ଲୁଣ, ଚକଡ଼, ଗୁଡ ଇତ୍ୟାଦିକୁ @ ୧୦ ରୁ ୨୦ % ଦୈନିକ ରାସନ ହିସାବରେ ଖାଇବାକୁ ଦିଅନ୍ତୁ ଯେପରିକି ଶୀତ ଦିନରେ ସେମାନଙ୍କ ଶରୀରର ଆବଶ୍ୟକ ଶକ୍ତି ଭରଣ ହୋଇପାରିବ । ପଶୁମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ, ସେମାନଙ୍କୁ ରାତିରେ ଘର ଭିତରେ ରଖି ଶୁଖିଲା ବିଛଣା ଯୋଗାଇବା ଉଚିତ (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି) ଏବଂ ଶରୀରର ଉତ୍ତାପ ସୃଷ୍ଟି କରିବା ପାଇଁ କମ ଥଣ୍ଡା ଥିବା ତାଜା ପାଣି ଏବଂ ଅତିରିକ୍ତ ଖାଦ୍ୟର ସୁବିଧା ସୁନିଶ୍ଚିତ କରାଯିବା ଉଚିତ । | |



| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।